SAMBAD
ସମ୍ବାଦ
ted odia daily




ସାମାନ୍ୟ କଥାକୁ ନେଇ କଟକ ଓଡିଆ ବଜାରରେ ସାଂପ୍ରଦାୟିକ ଉତ୍ତେଜନା: ଟେକାପଥର ମାଡରେ ଜଣେ ଆହତ, ଗ୍ରାମ୍ୟ ନିଯୁକ୍ତି ଯୋଜ

ତାରିଖ : ୨୭/୮/୨୦୦୬

| Su | Mo | Tu | We | Th | Fr | Sa |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |



ବିଜ୍ଞାନ ପ୍ରତିଷ୍ଠାନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ 'ଆଗାମୀ ଓଡିଶା'ର କୃତଜ୍ଞତା...

## ବିଜ୍ଞାନ ପ୍ରତିଷ୍ଠାନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ 'ଆଗାମୀ ଓଡିଶା'ର କୃତଜ୍ଞତା

ଭୁବନେଶ୍ୱର,:ଓଡିଶାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନର ପ୍ରତିଷ୍ଠା ଘୋଷଣା ପାଇଁ 'ଆଗାମୀ ଓଡିଶା' ପକ୍ଷରୁ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂହଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରାଯାଇଛି । ୨୮ ତାରିଖରେ ସଂସ୍ଥାର ବିଜୟ ଦିବସ ଅବସରରେ ପ୍ରଖ୍ୟାତ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକଙ୍କ ଦ୍ୱାରା ବାଲୁକା କାରୁକାର୍ଯ୍ୟ ଅନୁଷ୍ଠିତ ହେବ । ଅପରାହ୍ନ ୪ଟାରେ ଲୋୟର୍ ପିଏମ୍‌ଜି ଛକ ଠାରେ ଏହାର ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଓଡିଶାର ସ୍ୱାଭିମାନ ପାଇଁ ଏକ ହେବାକୁ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଇଛି । ସଂଗଠନ ପକ୍ଷରୁ କୁହାଯାଇଛି ଯେ ଆଜି ପ୍ରଧାନମନ୍ତ୍ରୀ ଡକ୍ଟର ସିଂହ ଓଡିଶାରେ ଜାତୀୟ ବିଜ୍ଞାନ ପ୍ରତିଷ୍ଠାନର ଆନୁଷ୍ଠାନିକ ଘୋଷଣା କରିବା କାର୍ଯ୍ୟକ୍ରମ ରହିଛି । ଫଳରେ ଓଡିଶାବାସୀଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇ ପାରିଛି । ଗତ ଅକ୍ଟୋବର ମାସରେ ୟୁପିଏ ସରକାର କୋଲକାତା ଓ ପୁନେ ଠାରେ ଭାରତୀୟ ବିଜ୍ଞାନ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନ ପ୍ରତିଷ୍ଠା ହେବା ଘୋଷଣା କଲା ବେଳେ ପୂର୍ବ ନିର୍ଧାରିତ ସ୍ଥାନ ଭୁବନେଶ୍ୱର, ଚେନ୍ନାଇ ଓ ଆହ୍ଲାବାଦ ବିଷୟରେ ନିରବ ରହିଥିଲେ । ଏହି ପ୍ରସଙ୍ଗକୁ ନେଇ ସେତେବେଳେ 'ଆଗାମୀ ଓଡିଶା' ପକ୍ଷରୁ ଗଣ ଆନ୍ଦୋଳନ ଗଢି ତୋଳିଥିଲା । ନଭେମ୍ବର ୧୬ରେ ଦିଲ୍ଲୀ ସଂସଦ ମାର୍ଗରେ ଓଡିଶାର ସାଂସଦମାନଙ୍କୁ ଏକାଠି କରି ଗଣଧାରଣା ମଧ୍ୟ ଦିଆଯାଇ ଥିଲା । ବାରମ୍ବାର ଗଣ ଆନ୍ଦୋଳନ ଓ ସ୍ୱାଭିମାନୀ ଓଡିଶାବାସୀଙ୍କ ମିଳିତ ଉଦ୍ୟମ ଯୋଗୁଁ ଶେଷରେ କେନ୍ଦ୍ର ତରଫରୁ ଏହା ପ୍ରତିଷ୍ଠା ହେଉଥିବା ଖୁସିର କଥା ଏବଂ ଓଡିଶାର ବିଜୟ କହିଲେ ଅତ୍ୟୁକ୍ତି ହେବ ନାହିଁ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ଏଥି ପାଇଁ 'ଆଗାମୀ ଓଡିଶା' ପକ୍ଷରୁ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିରୋଧୀ ଦଳର ନେତା, ରାଜ୍ୟର ସମସ୍ତ ସାଂସଦ ଓ ବିଧାୟକ, ରାଜନୈତିକ ଦଳର ନେତା ଏବଂ ଆନ୍ଦୋଳନରେ ସାମିଲ ହୋଇଥିବା ଓ ଏହାକୁ ସମର୍ଥନ କରିଥିବା ସମସ୍ତ ବୁଦ୍ଧିଜୀବୀ, ଯୁବ ଓ ଛାତ୍ର ସଂଗଠନ, ଗଣ ସଂଗଠନ, ସମ୍ବାଦପତ୍ର ତଥା ଜନସାଧାରଣଙ୍କୁ ଧନ୍ୟବାଦ ଦିଆଯାଇଛି । ଆଗାମୀ ଦିନରେ ଓଡିଶାର










ବିତର୍କ/ମତାମତ ସଂଗ୍ରହ

**କେନ୍ଦ୍ରରେ ଉପା ସରକାରର ସ୍ଥିତି ଟଳମଳ କି?**

- ହଁ
- ନା
- ଅନ୍ୟାନ୍ୟ

Vote

ଫଳାଫଳ

**News letter**

**Newsletter Signup**

ସମୃଦ୍ଧି ପାଇଁ ତଥା ସ୍ୱାର୍ଥ ସାଧନ ପାଇଁ ଏକତ୍ର ଉଦ୍ୟମ କଲେ ଆମର ଉଦ୍ୟମ ସଫଳ ହେବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ସଂଗଠନ ପକ୍ଷରୁ ଆୟୋଜିତ ଆନ୍ତର୍ଜାତିକ ବାଲୁକା ଶିଳ୍ପୀ ସୁଦର୍ଶନଙ୍କ ବାଲୁକା କାରୁକାର୍ଯ୍ୟରେ ବହୁ ସଂଖ୍ୟାରେ ଯୋଗ ଦେବାକୁ ଅନୁରୋଧ କରାଯାଇଛି ବୋଲି 'ଆଗାମୀ ଓଡିଶା'ର ସନ୍ତୋଷ ତ୍ରିପାଠୀଙ୍କ ସୂତ୍ରରୁ ପ୍ରକାଶ ।

## ମୁଖ୍ୟଖବର

- ସ୍ୱାଗତମ୍ ମନମୋହନ ସିଂହ । ଆଜି ପ୍ରଧାନମନ୍ତ୍ରୀ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ପହଞ୍ଚିଛନ୍ତି । ପ୍ରବଳ ବର୍ଷା ଯୋଗୁଁ ଭୁବନେଶ୍ୱର ବିମାନ ବନ୍ଦରରେ ଅଟକି ରହିଛନ୍ତି ।
- ପ୍ରଧାନମନ୍ତ୍ରୀଙ୍କ କେବିକେ ସମୀକ୍ଷା, ଅଡୁଆ ପ୍ରଶ୍ନର ଉତ୍ତର ଯୋଗାଡ଼ରେ ସରକାର ବ୍ୟସ୍ତ
- ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା: ୨ୟ ପର୍ଯ୍ୟାୟରୁ ରାୟଗଡ଼ା, ବୌଦ୍ଧ ବାଦ୍
- ସ୍କୁଲ ଘରେ ବନ୍ଦ କରି ଛାତ୍ରକୁ ମାଡ଼
- ପାଣିଟାଙ୍କି ଭୁଶୁଡ଼ି ୫୦ ମୃତ
- ହୃଷୀଦା' ଆଉ ନାହାନ୍ତି
- ବ୍ରହ୍ମପୁର ସିଦ୍ଧ ବିନାୟକ ମନ୍ଦିର ନିକଟରେ ବିସ୍ଫୋରଣ
- ବିମାନ ଦୁର୍ଘଟଣାରେ ୪୯ ମୃତ
- 'ଇଚ୍ଛାମୃତ୍ୟୁ' ଲୋଡ଼ିବାର ୨୧ଘଣ୍ଟା ପରେ ମହିଳାଙ୍କ ପରଲୋକ
- ଆଏଜ୍ ନୂଆଁଖାଇ:ନାଇଁନ ନୂଆଁ ଧାନ୍, ହେଲେ ଉନା ନୁହେଁ ମନ୍
- ଓଡ଼ିଆ ବଜାରରେ ଉତ୍ତେଜନା: ଟେକାପଥର ମାଡ଼ରେ ଜଣେ ଆହତ
- ୩୦୦ ଗଣେଶଙ୍କୁ ନେଇ ପ୍ରଦର୍ଶନୀ
- ଓୟୁଡବ୍ଲୁଜେ(ଆଇଜେୟୁ)ର ଜାତୀୟ କାର୍ଯ୍ୟକାରିଣୀ, 'ପ୍ରେସ୍ ସ୍ୱାଧୀନତା କ୍ଷତିଗ୍ରସ୍ତ ହେଲେ ଗଣତନ୍ତ୍ର ଭୁଶୁଡ଼ିବ'
- ଏଣିକି ଭିଆଇପିଙ୍କ ଗସ୍ତ ପାଇଁ ନୂଆ ହେଲିପ୍ୟାଡ଼ ଡିଜାଇନ୍
- ନକ୍ସଲଙ୍କ ମାଡ଼ରେ ଗ୍ରାମସେବକ ଲହୁ ଲୁହାଣ
- ଅପରାଧର ଚେର ସୁରତରେ?, ଆସିକା ବାସନାପଲ୍ଲୀରେ ନୃଶଂସ ହତ୍ୟାକାଣ୍ଡ, ୪ ଭାଇ ଗିରଫ
- ମହିଳା ଆୟୋଗଙ୍କ ଅଧ୍ୟକ୍ଷତାରେ ଯୌନ କର୍ମୀ ଥଇଥାନ କମିଟି
- ଆଟ୍ଟାରକୁ ମୁକ୍ତ କରିବା ପାଇଁ ଅଟଳ-ଆଡ଼ଭାନୀ ବାଧ୍ୟ କରିଥିଲେ: ଫାରୁକ୍
- ମଦ୍ୟପ ସ୍ୱାମୀର ଉନ୍ମତ୍ତ କାଣ୍ଡ, ପଥରରେ ଛେଚି ପତ୍ନୀ ହତ୍ୟା
- ପ୍ରଧାନମନ୍ତ୍ରୀଙ୍କ ଗସ୍ତ ନେଇ ପ୍ରତିକ୍ରିୟା:ଦୁଇ ଥର ଲୋକାର୍ପଣ ହୋଇଛି, ଆଉ କ'ଣ ଦରକାର?: ଧର୍ମେନ୍ଦ୍ର
- ରାଜନୀତି ଅଧିକ, ସୁଶାସନ କମ୍: ବୈଜୟନ୍ତ
- ବିଜ୍ଞାନ ପ୍ରତିଷ୍ଠାନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ 'ଆଗାମୀ ଓଡିଶା'ର କୃତଜ୍ଞତା









ପାଞ୍ଚ ବ
ବରଷ
ଫାଆଶ

Name*
Email*
Subscribe
Unsubscribe

### ଅନ୍ୟାନ୍ୟ ଖବର

- ଦୟାନଦୀ ବିପଦ ସଂକେତ ଟପିଲା, ଗୋଖାଦ୍ୟ ପହଞ୍ଚିଲା, ଲୋକଙ୍କ ପାଇଁ ରିଲିଫ କେବେ?
- ୪ କୋଟି ଟଙ୍କା ଖର୍ଚ୍ଚ ହେଲା: ଡାକ୍ତରଖାନା ନୂଆ କୋଠା ଏବେ ଭୂତକୋଠୀ
- 'ରାମଚନ୍ଦ୍ର ବେହେରାଙ୍କ ଗଳ୍ପ ମଣିଷପଣିଆକୁ ଉପସ୍ଥାପନ କରେ'
- ୨ ଘଣ୍ଟା ବ୍ୟବଧାନରେ ୨ଟି ଦୁର୍ଘଟଣା, ୪ ମୃତ
- ଗୋଟିଏ ସିଟ୍ ପାଇଁ ଏକାଧିକ ଯାତ୍ରୀଙ୍କୁ ଟିକଟ ଦେଇ ବସ୍ ମାଲିକ, ବୁକିଂ କାଉଣ୍ଟର ଦଣ୍ଡିତ
- ଜଳ ନିଷ୍କାସନ ଦାବି: ଗ୍ରାମବାସୀଙ୍କ ରାଜପଥ ଅବରୋଧ
- ଶ୍ରୀଶ୍ରୀ ଠାକୁର ନିଗମନନ୍ଦ ଦେବଙ୍କ ଜନ୍ମୋତ୍ସବ ପାଳନ
- ଅନୁସୂଚିତ ବର୍ଗର ଓଏଏସ୍‌ଙ୍କୁ ଆଇନଗତ ପଦୋନ୍ନତି ଦାବି
- କାବ୍ୟ କଳାର ଯୁଗାନ୍ତକାରୀ ସ୍ରଷ୍ଟା କବି ଗୁରୁପ୍ରସାଦ
- ବିଦ୍ୟୁତ୍ ଆଘାତରେ ଦଂପତି ମୃତ
- ଦିଲ୍ଲୀରୁ ଦୁଇ ନାବାଳକ ଉଦ୍ଧାର
- ପୂର୍ବ ଶତ୍ରୁତାକୁ ନେଇ ଛୁରୀ ଭୁସି ହତ୍ୟା, ଜଣେ ଗିରଫ

ଆଉଚି
ଭୁଲି..
ଗୁଲି...
ଟଙ୍କାଚ
ପକେଟ

**Site is Under Renovation.**
**The Error Will be Rectified Soon.**

**** You can Put your Scrolling Ad's here, for more information contact** sambad@orissasambad.com

**Powered by** EML **in association with** Modulesoft Solution (p) Ltd.
Copyright © 2006 orissasambad.com. This site is Best Viewed by : Internet Explorer in 1024 * 768